ଶନିବାର, ୭ ମାର୍ଚ୍ଚ, ୨୦୨୬

# ପିଲାଙ୍କ ଧରିତ୍ରୀ



୬ କହିଲ ଦେଖି

୭ ଜଣା ଅଜଣା

୩ ପ୍ରଚ୍ଛଦ

# ପରୀକ୍ଷା...



ଗପ

ପରୀକ୍ଷା ଦିନ ପାଖେଇ ଆସୁଥିଲା ଆଉ ଘରର ଅନୁଶାସନ ଟିକିଏ ବଢ଼ିଯାଇଥିଲା। ଅଭ୍ୟାନ ଯେତେବେଳେ ନିଜ ପଢ଼ାରୁ ଟିକିଏ ଉଠିବାକୁ ଚେଷ୍ଟା କରୁଥିଲା, ତା' ମା' ତୁରନ୍ତ ପାଟିକରି କହୁଥିଲେ, ପୁଅ! ନିଜର ଏକାଗ୍ରତାକୁ ଭାଙ୍ଗିବାକୁ ଦେବୁନି। ଭଲ ଭାବରେ ନିଜକୁ ପ୍ରସ୍ତୁତକର। ଆଉ ନିଜ ପରିଶ୍ରମରେ କୌଣସି ଦୋଷ ଛାଡ଼ିବୁନି। ଦେଖୁ ଦେଖୁ ଗୋଟିଗୋଟି କରି ସବୁ ବିଷୟର ପରୀକ୍ଷା ସରିଗଲା।

ଅଭ୍ୟାନକୁ ଲାଗୁଥିଲା, ପ୍ରତ୍ୟେକ ବିଷୟର ପରୀକ୍ଷା ପରେ ମା' ତାକୁ ପରୀକ୍ଷା କେମିତି ହେଲା ବୋଲି ପଚାରିବେ, କିନ୍ତୁ ମା' ଥରେ ହେଲେ ବି ତାହାର ପ୍ରଶ୍ନପତ୍ରକୁ ହାତକୁ ନେଲେ ନାହିଁ କି ପରୀକ୍ଷାରେ କେତେ ନମ୍ବର ରହିବ କିଛି ପଚାରିଲେ ନାହିଁ। ଶେଷ ବିଷୟ ପରୀକ୍ଷା ଦେଇ ସାରି ଯେତେବେଳେ ଅଭ୍ୟାନ ଘରକୁ ଫେରିଲା, ସେ ତା' ମା' ପାଖକୁ ଯାଇ କହିଲା– ମା'! ଆଜିସବୁ ପରୀକ୍ଷା ସରିଗଲା..କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ଆପଣ ଥରେ ବି ମୋର କୌଣସି ପ୍ରଶ୍ନପତ୍ର ଦେଖିଲ ନାହିଁ କି ଆଉ ପଚାରିଲ ନାହିଁ ଯେ ପରୀକ୍ଷା କେମିତି ହେଲା ?

କିନ୍ତୁ ପରୀକ୍ଷା ପୂର୍ବରୁ ତୁମେ ସବୁ ସମୟରେ ପଢ଼ିବା ପାଇଁ ବାରମ୍ବାର ପରାମର୍ଶ ଦେଉଥିଲ, ସତର୍କ କରାଉଥିଲ। ଏହାଶୁଣି ତା' ମା' ସୁନ୍ଦର ଭାବରେ ଉତ୍ତର ଦେଇ କହିଲେ, ପୁଅ! ପରୀକ୍ଷା ପୂର୍ବରୁ ତତେ ସଚେତନ କରିବା ମୋର କର୍ତ୍ତବ୍ୟ ଥିଲା। ସେଇ ସମୟରେ ନିଷ୍ଠାର ସହିତ ପରିଶ୍ରମ କରିବା ଦରକାର ଥିଲା। ପରୀକ୍ଷା ସରିଲେ ହିଁ ପରିଶ୍ରମର ଫଳ ତୁ ପାଇବୁ। ଭଲ ନମ୍ବର ଆସିଲେ ଯାଇ ତୁ ପରିଶ୍ରମର ମହତ୍ତ୍ୱକୁ ବୁଝିପାରିବୁ। ଏବେ ଯେତେବେଳେ ତୁ ନିଜର କାମ ପୂରା ଉତ୍ତର ଦାୟିତ୍ୱର ସହ କରିସାରିଛୁ, ଆଉ ମୋତେ ପ୍ରଶ୍ନପତ୍ର ଦେଖିବାର ଆବଶ୍ୟକତା ନାହିଁ। ଏବେ ଯାହାବି ଅଙ୍କ ଆସିବ, ତାକୁ ଗ୍ରହଣ କରିବୁ ଆଉ ଆଗକୁ ସୁଧାରିବା ପାଇଁ ଚେଷ୍ଟା କରିବୁ। ନିଜେ ବିଶ୍ଳେଷଣ କରିବୁ କି କେଉଁଠି ତ୍ରୁଟି ରହିଗଲା। ମା'ଙ୍କର ଏହି କଥା ଶୁଣିଲା ପରେ ଅଭ୍ୟାନ ବହୁତ ହାଲୁକା ଅନୁଭବ କରୁଥିଲା। କାହିଁକିନା ମା' ତାକୁ ଅଙ୍କର ଅନ୍ଧ ଦୌଡ଼ରୁ ମୁକ୍ତ କରି ଦେଇଥିଲେ। ସେ ବୁଝି ଯାଇଥିଲା ଯେ ମା' ପାଇଁ ତା'ର ନମ୍ବର ନୁହେଁ, ତାହାର ସତ୍ୟପରାୟଣତାରେ କରାଯାଇଥିବା ପରଶ୍ରମ ଅଧିକ ମହତ୍ତ୍ୱ ରଖିଥାଏ।

**– ମନୋଜ କୁମାର ବେହେରା**
ବାୟାବାବା ମଠଲେନ୍, ୟୁନିଟ୍–୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

# ପଇଡ଼ପାଣି, କେତେ ଭଲ

ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ପଇଡ଼ପାଣି। ଏକଥା ସମସ୍ତେ ଜାଣନ୍ତି। ହେଲେ ପିଲାମାନେ ପ୍ରାୟତଃ ବିଭିନ୍ନ ପ୍ରକାରର କୋଲ୍ଡ ଡ୍ରିଙ୍କ୍ ପ୍ରତି ଅଧିକ ଆକୃଷ୍ଟ ହୋଇଥାନ୍ତି। ମାତ୍ର ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଉପକାରୀ। ଜାଣନ୍ତୁ ସେ ସମ୍ପର୍କରେ...



➔ ପଇଡ଼ପାଣିକୁ ଏକ ସୁପର ଡ୍ରିଙ୍କ ଭାବରେ ଗ୍ରହଣ କରାଯାଏ। ଏଥିରେ କମ୍ କ୍ୟାଲୋରି ଥାଏ ଓ ଇଲେକ୍ଟ୍ରୋଲାଇଟ୍ ଅଧିକ ରହିଥାଏ। ତ୍ୱଚାର ବିଭିନ୍ନ ସମସ୍ୟା ଭଲକରିବା, ହଜମ କରିବା ସହିତ ଶରୀର ପାଇଁ ଏହାର ଅନେକ ପ୍ରକାରର ଫାଇଦା ରହିଛି। ତେଣୁ ପିଲାମାନେ ଅନ୍ୟ ସବୁ ଡ୍ରିଙ୍କ ବଦଳରେ ଏହାକୁ ସୁପର ଡ୍ରିଙ୍କ୍ ଭାବରେ ଗ୍ରହଣ କରିପାରିବେ।

➔ ନିୟମିତ ପଇଡ ପାଣି ପିଇବା ଫଳରେ ଓଜନ ନିୟନ୍ତ୍ରିତ ହୋଇଥାଏ ଓ ଇମ୍ୟୁନିଟି ବଢ଼ିଥାଏ। ହାର୍ଟ ଓ କିଡ୍ନି ସୁସ୍ଥ ରହେ। ହଜମ ପ୍ରକ୍ରିୟା ମଧ୍ୟ ଠିକ୍ ହୋଇଥାଏ। ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ଥିବାରୁ ଏହା ମଧ୍ୟ ସ୍କିନ୍ ପାଇଁ ବହୁତ ଭଲ।

➔ ପଇଡ ପାଣିରେ ପ୍ରଚୁର ପରିମାଣରେ ଇଲୋକ୍ଟ୍ରୋଲାଇଟ୍ ରହିଥାଏ। ତେଣୁ ପ୍ରତିଦିନ ୧ ରୁ ୨ କପ୍ ପଇଡ ପାଣି ପିଇବା ଭଲ।

➔ କେଉଁ ସମୟରେ ପଇଡ ପାଣି ପିଇବା ଅଧିକ ଭଲ ଏହାକୁ ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ସକାଳୁ ଖାଲି ପେଟରେ ପଇଡ ପାଣି ପିଇବା ସବୁଠୁ ଭଲ। ଡିଟକ୍ସିଫିକେସନ ଓ ମେଟାବଲିଜିମ୍ ନିମନ୍ତେ ଏହା ଅତ୍ୟନ୍ତ ଫଳପ୍ରଦ ହୋଇଥାଏ।

➔ ଅବଶ୍ୟ ଏମିତି କେତେଜଣ ଅଛନ୍ତି, ଯେଉଁମାନଙ୍କ ପାଇଁ ଏହା ଭଲ ହୋଇ ନ ପାରେ। ଥଣ୍ଡା ଶର୍ଦ୍ଦି ହୋଇଥିବା ବେଳେ ପଇଡ଼ ପାଣି ନ ପିଇଲେ ଭଲ।

➔ ପଇଡ଼ପାଣି ପିଇଲେ ଯେଉଁମାନଙ୍କର ଆଲର୍ଜୀ ସୃଷ୍ଟି ହେଉଛି , ସେମାନେ ମଧ୍ୟ ଏହାକୁ ପିଇବା ଉଚିତ୍ ନୁହେଁ।

## ରଙ୍ଗ ଦିଅ



## ଘାତାଘାତ

❖ ଜଣା ଅଜଣାରେ ବିଶାଳ ବୃକ୍ଷ, ଲବଙ୍ଗ ଦ୍ୱୀପ ଏବଂ ବର୍ଷେ ନ ଖାଇ ବଞ୍ଚିପାରୁଥିବା ଜୀବ ପାଠ ପଢ଼ିଲି। ଏଥିରୁ କେତେକ କଥା ଜାଣିବାକୁ ପାଇଲି।

**– ତୁଷାର ସାମଲ, ରାୟଗଡ଼ା**

❖ ଦୋଳ ଓ ହୋଲି ଆଧାରିତ କବିତାଗୁଡ଼ିକ ପଢ଼ିବାକୁ ମଜା ଲାଗିଲା।

**– ଅଙ୍କିତା ମହାନ୍ତି, ବୋରିଗୁମ୍ମା, କୋରାପୁଟ**

❖ ହୋଲି ସମ୍ପର୍କିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା।

**– ରତନ ସ୍ୱାଇଁ, ଜଗତ୍‌ସିଂହପୁର**

'ସ୍ନେହର ଡୋର' ଗଳ୍ପଟି ଶିକ୍ଷଣୀୟ ହୋଇଥିଲା।

**–ଚନ୍ଦନ ମଲ୍ଲିକ୍ , ବାଲେଶ୍ୱର**

## ଖିଲି ଖିଲି ହସ

ରାଜୁ : ମୁଁ ଏଠି ରହିବିନି। ଏତେ ଛୋଟ ରୁମ୍। ନା କିଛି ଝରକା ଅଛି ନା ଟୟଲେଟ୍। ମୋ ଟଙ୍କା ଫେରାଅ।
ୱେଟର: କିନ୍ତୁ, ସାର୍ ଏଇଟା ତ!
ରାଜୁ: ନା ନା ମୋ ଟଙ୍କା ମୋତେ ଫେରସ୍ତ ଦରକାର
ୱେଟର: ଆରେ ବାବୁ, ଉପରକୁ ତ ଚାଲନ୍ତୁ ଏଇଟା ତ ଲିଫ୍ଟ।

ଶିକ୍ଷକ: ରାଜୁବାପା ମିଠା ବାଣ୍ଟୁଥିବାର ଦେଖି କହିଲେ, ଆପଣଙ୍କ ପୁଅ ତ ଫେଲ୍ ହୋଇଚି ହେଲେ ଆପଣ ମିଠା ବାଣ୍ଟୁଛନ୍ତି କାହିଁକି ?
ରାଜୁବାପା: ଆଜ୍ଞା, କ୍ଲାସରେ ଟୋଟାଲ ପିଲା ୮୦ ଥିଲାବେଳେ ସେଥିରୁ ୬୦ ଫେଲ୍ ହୋଇଛନ୍ତି। ସେହି ଫେଲ୍ ଭିତରେ ମୋ ପୁଅ ଅଛି, ତେବେ ସଂଖ୍ୟାଗରିଷ୍ଠତା ଆମର ନା! ସେଇଥିପାଇଁ ମିଠା ବାଣ୍ଟୁଛି।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





# ପକେଟ ମନି

ପିଲାଙ୍କ ପାଇଁ ପକେଟ୍ ମନିର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ନିଜେ ଖର୍ଚ୍ଚ କରିବାର ଏକ ସ୍ୱାଧୀନତା ମିଳେ ଏହି ମାଧ୍ୟମରେ। ଆଉ ଏଥିରୁ ସେମାନେ ଖର୍ଚ୍ଚ ତ କରିପାରିବେ ଆବଶ୍ୟକ ହେଲେ ସଞ୍ଚୟ ମଧ୍ୟ କରିପାରିବେ। ତେବେ ପିଲାମାନେ ଘରୁ ପକେଟ୍ ମନି ନେଉଥିଲେ ତାହାର ଗୁରୁତ୍ୱ ସମ୍ପର୍କରେ ଜାଣିବା ଦରକାର।

## ଆବଶ୍ୟକତା ବୁଝନ୍ତୁ

ଘରୁ ପକେଟ୍ ମନି ମାଗୁଥିଲେ ତାହା ପ୍ରକୃତରେ ନିଜ ପାଇଁ କେତେ ଆବଶ୍ୟକ ବିଚାର କରନ୍ତୁ। କିଛି ଦରକାରୀ ଜିନିଷ ଆବଶ୍ୟକ ଅଛି କି ନିଜ ଇଚ୍ଛା ପୂରଣ କରିବାକୁ ଚାହୁଁଛନ୍ତି ସେନେଇ ଭଲଭାବେ ତୁଳନା କରନ୍ତୁ। ଆବଶ୍ୟକତା ଓ ଇଚ୍ଛା ଭିତରେ ଥିବା ପାର୍ଥକ୍ୟ ବୁଝନ୍ତୁ। ଯଦି ଆବଶ୍ୟକ ଅଛି ନିହାତି ଭାବରେ ଖର୍ଚ୍ଚ କରିବାକୁ ହେବ ତାହେଲେ ପକେଟ୍ ମନି ପାଇଁ ଘରେ କୁହନ୍ତୁ। ପକେଟ୍ ମନି ମାଗିବା ସମୟରେ ଘରଲୋକେ ଯଦି ଆବଶ୍ୟକ ଠାରୁ ଅଧିକ ଅର୍ଥ ଦିଅନ୍ତି ତାହା ଫେରାଇ ଦିଅନ୍ତୁ। ହୁଏତ ଘର ଲୋକେ ସେମାନଙ୍କ ସ୍ନେହଭାବ ଯୋଗୁଁ ଅଧିକ ଅର୍ଥ ଦେଇପାରନ୍ତି, ମାତ୍ର ସେହି ଅର୍ଥର ଦୁରୁପଯୋଗ କରନ୍ତୁ ନାହିଁ।

## ସଞ୍ଚୟ କରିବା ଶିଖନ୍ତୁ

ପକେଟ୍ ମନି ଆଣିବା ସମୟରେ ଅଭିଭାବକମାନେ ଯଦି ଆବଶ୍ୟକ ଠାରୁ ଅଧିକ ଅର୍ଥ ଦେଇଥାନ୍ତି ତେବେ ତାକୁ ସଞ୍ଚୟ କରନ୍ତୁ। ଭବିଷ୍ୟତରେ ଏହି ସଞ୍ଚିତ ଅର୍ଥକୁ ଦେଖି ନିଜକୁ ବହୁତ ଖୁସି ଲାଗିବ ଓ ଦରକାର ସମୟରେ ବହୁ କାମରେ ଆସିବ। ଏଥିପାଇଁ ଘରେ ସମସ୍ତେ ଆପଣଙ୍କୁ ପ୍ରଶଂସା କରିବେ। ସବୁଠୁ ବଡ କଥା ହେଉଛି ଭବିଷ୍ୟତ ପାଇଁ ଆପଣ ଏକ ଭଲ ଅଭ୍ୟାସକୁ ଆପଣାଇପାରିବେ।

## ତୁଳନା କରନ୍ତୁ ନାହିଁ

ବେଳେବେଳେ ପିଲାମାନେ ପକେଟ୍ ମନି ନେଇ ଅଯଥା ଖର୍ଚ୍ଚ କରନ୍ତି। ସେଭଳି ପିଲାଙ୍କୁ କଦାପି ଅନୁକରଣ କରନ୍ତୁ ନାହିଁ। ନିଜ ସାଙ୍ଗମାନଙ୍କର ଏଭଳି ଗୁଣ ଥିଲେ ସେମାନଙ୍କୁ ପ୍ରତିରୋଧ କରନ୍ତୁ। ଅନେକ ସମୟରେ ସେଭଳି ପିଲାମାନେ ଅଧିକ ପକେଟ୍ ମନି ଆଣିବା ପାଇଁ ପ୍ରବର୍ତ୍ତାଇ ଥାନ୍ତି। ଏମିତିକି ଥଟ୍ଟା ପରିହାସ ବି କରିପାରନ୍ତି। କିନ୍ତୁ ସେଭଳି ପିଲାଙ୍କ କଥାରେ ନିଜ ମନ ପରିବର୍ତ୍ତନ କରନ୍ତୁ ନାହିଁ କି ପକେଟ୍ ମନିର ଅଯଥା ଖର୍ଚ୍ଚ କରନ୍ତୁ ନାହିଁ। ଏପରି କ୍ଷେତ୍ରରେ ଅନ୍ୟ ସାଙ୍ଗମାନଙ୍କୁ ଟଙ୍କାର ଉପଯୁକ୍ତ ବ୍ୟବହାର କରିବାକୁ ପରାମର୍ଶ ଦିଅନ୍ତୁ।

## ଖର୍ଚ୍ଚର ହିସାବ

ପକେଟ୍ ମନି ଘରେ ଯାହାଠାରୁ ନେଉଛନ୍ତି ସେମାନଙ୍କୁ ଖର୍ଚ୍ଚର ହିସାବ ଦିଅନ୍ତୁ। କେତେ ଟଙ୍କା ଦେଇ କଣ ସବୁ କିଣିଲେ ଓ ଆଉ କେତେ ଟଙ୍କା ବଳିଛି ତାର ତାଲିକା କରି ଜଣାନ୍ତୁ। ବଳକା ଅର୍ଥକୁ ଫେରସ୍ତ ବି କରନ୍ତୁ। ଏପରି ବ୍ୟବହାର ଆପଣଙ୍କୁ ଭବିଷ୍ୟତରେ ସଚ୍ଚୋଟ ହୋଇ ରହିବାର ପ୍ରେରଣା ଦେବ। ଏହି ଅଭ୍ୟାସ ପାଇଁ ଭବିଷ୍ୟତରେ ଆପଣଙ୍କୁ ଅଧିକ ପକେଟ୍ ମନି ମଧ୍ୟ ମିଳିପାରିବ।

**କେତେବେଳେ ପିଲାଙ୍କ ପାଇଁ ଆବଶ୍ୟକ ତ ଆଉ କେବେ ଖର୍ଚ୍ଚ ଶୈଳୀ ଶିଖିବାର ଏକ ମାଧ୍ୟମ ହୋଇଥାଏ ପକେଟ୍ ମନି। ଖାଲି ସେତିକି ନୁହେଁ ଏହାରି ମାଧ୍ୟମରେ ପିଲାମାନେ ମିତବ୍ୟୟିତା, ସଞ୍ଚୟ ଓ ଅର୍ଥର ଗୁରୁତ୍ୱ ମଧ୍ୟ ବୁଝିପାରନ୍ତି।**




## ଶିଖନ୍ତୁ ମନି ମ୍ୟାନେଜମେଣ୍ଟ

- ପକେଟ୍ ମନି ମାଗିବା ପୂର୍ବରୁ ନିଜର ଆବଶ୍ୟକତା କେତେ ଗୁରୁତ୍ୱପୂର୍ଣ୍ଣ ବିଚାର କରନ୍ତୁ।
- ପେନସିଲ, କଲର, ନୋଟବୁକ୍ ଇତ୍ୟାଦିକୁ ଯଥାସମ୍ଭବ ଶେଷ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। କୌଣସି ଜିନିଷ ସମ୍ପୂର୍ଣ୍ଣ ଶେଷ ହେବା ପରେ ହିଁ ପୁଣିଥରେ କିଣିବା ପାଇଁ କୁହନ୍ତୁ।
- ନିଜ ଖେଳନା ଓ ଜରୁରୀ ଜିନିଷ ସବୁକୁ ଯତ୍ନରେ ରଖନ୍ତୁ। ଫଳରେ ଶୀଘ୍ର ନଷ୍ଟ ହେବ ନାହିଁ କିମ୍ବା ବାରମ୍ବାର କିଣିବାକୁ ପଡିବ ନାହିଁ।
- ପରିବାରର ଆର୍ଥିକ ସ୍ଥିତିକୁ ଅନୁଭବ କରି ସେହି ଅନୁସାରେ ପକେଟ୍ ମନି ପାଇଁ କୁହନ୍ତୁ।
- ସେଭିଂ କରିବା ଶିଖନ୍ତୁ ଓ ସେହି ଅର୍ଥକୁ ଆବଶ୍ୟକ ସମୟରେ ଘରେ ଦିଅନ୍ତୁ।

## ଏମାନେ କ'ଣ କରନ୍ତି

### ହିସାବ ଦିଏ



ମତେ ଯାହା ବି ପକେଟ୍ ମନି ମିଳେ ସେସବୁ ମାମାକୁ ଦେଇଦିଏ। ଅବଶ୍ୟ ମାମା ସେଇ ଟଙ୍କାକୁ ନେଇ ଅଲଗା ରଖି ସେଭିଂ କରିଦିଏ। ଆଉ ସେମିତି ଦେଖିବାକୁ ଗଲେ ମୋର କିଛି ଆବଶ୍ୟକ ନ ଥାଏ। ଯାହା ଦରକାର ଆଣିବାକୁ କହିଲେ ବାବା ନେଇ ଆସନ୍ତି। ବେଳେବେଳେ ହଠାତ୍ ଦରକାର ପଡିଲେ ମାମାକୁ କିଛି କିଣିଦେବାକୁ କହିଲେ ସେ ମତେ ଟଙ୍କା ଦିଏ। ଘର ପାଖରେ ଥିବା ଦୋକାନରୁ ମୁଁ ନିଜେ ଯାଇ କିଣି ଆଣେ। ଆଉ ବଳକା ପଇସା ସବୁ ମାମାକୁ ଫେରାଇ ବି ଦିଏ। ସେଥିପାଇଁ ମାମା ମତେ ବହୁତ ଭଲ କହେ। ଆଉ ଘରକୁ ବନ୍ଧୁବାନ୍ଧବ ଆସିଲେ ବି ମତେ ଖର୍ଚ୍ଚ କରିବା ପାଇଁ ଯେଉଁ ଟଙ୍କା ଦିଅନ୍ତି ତାହା ବି ମାମାକୁ ଦେଇଦିଏ।

– ଅଭିନନ୍ଦନ ବିଶ୍ୱାଳ
କ୍ଲାସ– ୯, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

### ପିଗି ବ୍ୟାଙ୍କରେ ରଖିଛି



ମୋର ପକେଟ୍ ମନି ସେମିତି ଦରକାର ପଡିନି। ଯାହା ଦରକାର କହିଲେ ମାମା ନେଇ ଆସନ୍ତି। ତାପରେ କେବେ କେବେ ମତେ ଖର୍ଚ୍ଚ କରିବା ପାଇଁ ପକେଟ୍ ମନି ମିଳିଥାଏ। ମୁଁ ସ୍କୁଲକୁ ନେଇ ଯାଏ ଓ ଟିଫିନ୍ ଖାଏ। ହେଲେ ଅନେକ ଥର ସବୁ ଟଙ୍କା ଖର୍ଚ୍ଚ କରେନି। ତେଣୁ ଆଉ ଯାହା ବଳକା ରହେ ତାକୁ ଆଣି ମାମାକୁ ଦିଏ। ହେଲେ ମାମା ସେସବୁ ଟଙ୍କା ରଖିବା ପାଇଁ ମତେ ଗୋଟେ ପିଗି ବ୍ୟାଙ୍କ୍ ଦେଇଛି। ମୁଁ ସେଥିରେ ମୋ ଟଙ୍କା ରଖୁଛି। – **ଏସ୍ ସାଇକ୍ରୀଷ୍ଣା**
କ୍ଲାସ–୮, କେନ୍ଦ୍ରୀୟ ବିଦ୍ୟାଳୟ, ସିଆରପିଏଫ୍ କ୍ୟାମ୍ପସ୍, ଭୁବନେଶ୍ୱର


୧


୨



୩


୪


୫


୬


୭


୮


୧
ଏସ୍‌. ଜି. ସାନ୍‌ଭି ସାଗରିକା
କ୍ଲାସ−୭, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ−୧, ଭୁବନେଶ୍ୱର


ନୀହାରିକା ସାହୁ
କ୍ଲାସ− ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୋହେଲା, ବରଗଡ଼
୨


୩
ଜିସାନ୍ତ ପଟ୍ଟନାୟକ
କ୍ଲାସ− ୨, ବିଜେଇଏମ୍‌−୧ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର


ସୋନାଲି ବାରିକ
କ୍ଲାସ−୭, ସରକାରୀ ବିଦ୍ୟାଳୟ, ଧନାପନା, ବିସିପୁର, ମୟୂରଭଞ୍ଜ
୪


୫
ସୌରଭ କୁମାର ମହାନ୍ତ
କ୍ଲାସ− ୩, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃକ୍ଷେତ୍ର ଆଶ୍ରମ ରାଇକଳା, କେନ୍ଦୁଝର


ସୁଧାଂଶୁ ଶେଖର ସାହୁ
କ୍ଲାସ−୧, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ତିର୍ତୋଲ, ଜଗତସିଂହପୁର
୬


୭
ଆସ୍ଥା ଚୌରାସିଆ
କ୍ଲାସ− ୫, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଜୋବ୍ରା, କଟକ


ଦିବ୍ୟାଂଶ ଶତପଥୀ
କ୍ଲାସ−୩, ଡିଏଭି ପବ୍ଲିକ ସ୍କୁଲ, ଇଫକୋ, ପାରାଦ୍ୱୀପ
୮

# କବିତା

## ଦିଗହରା ଶୈଶବ

ମା' କୋଳେ ଏବେ ଦେଖୁନାହିଁ ଶିଶୁ
ଆକାଶେ ଶରଦ ଶଶୀ,
ବୁଢ଼ୀମା' ପାଖରୁ କାହାଣୀ ଶୁଣେନା
ଘର ଅଗଣାରେ ବସି।
ଗାଁଦାଣ୍ଡେ ଆଉ ସାଙ୍ଗସାଥୀ ମେଳେ
ଖେଳୁନାହିଁ ଧୂଳିଖେଳ,
କାଦୁଅ ମାଟିରେ ଗଢ଼େନା ସେ ଆଉ
କଣ୍ଢେଇ, ବିଆଁ, ଦେଉଳ।
ଭୁଲିଲାଣି ଶିଶୁ ବଗିଚାରେ ପଶି
କଙ୍କି, ପ୍ରଜାପତି ଧରା,
ବାପାଙ୍କ ଭୟରେ ମା'କାନି ତଳେ
ଲୁଚେ ନାହିଁ ଆଉ ପରା।
ଚାଟଶାଳୀ ଆଉ ଯାଏ ନାହିଁ ଧରି
ବସ୍ତାନି ସିଲଟ ଖଡ଼ି,
ପାଠ ନ ପଢ଼ିଲେ ପିଠିରେ ବାଜେନା
ମାଷ୍ଟରଙ୍କ ବେତବାଡ଼ି।
ସରଳ ଶିଶୁର ସ୍ୱାଭାବିକ ଗୁଣ
ସବୁସେ ଗଲାଣି ଭୁଲି,
ଏକାନ୍ତରେ ବସି ମୋବାଇଲ୍ ଧରି
ଖେଳୁଛି ଗେମ୍ ଖୋଲି।

**– ମାଧବୀଲତା ଦେଈ**
ମୋ: ୯୬୯୨୪୮୩୩୭୭

## ଚାଲିଚି ବସନ୍ତ ରାସ

ଗାଁଆଁ ଆମ୍ବତୋଟା ଦିଶୁଚି ସୁନ୍ଦର
କୋଇଲି ଗାଉଚି ଗୀତ
ଶୀତକୁ ହଟେଇ ଆସିଚି ବସନ୍ତ
ପୁଲକ ଭରିଚି ଚିତ୍ତ।
ଦିଶେ ମନୋହର ସରସ ସୁନ୍ଦର
ଫୁଲ ଫଳ ଭରା କ୍ଷେତ
ସେଇ କ୍ଷେତୁ କାଢି ସୁନାର ଫସଲ
ଚାଷୀ ଉଡାଇବ ନେତ।
ଚାଲିଚି ଗାଆଁରେ ସହର ସାହିରେ
ଏବେ ବସନ୍ତର ରାସ
ମନ ଯାଏ ଜିଣି ସଭିଙ୍କର ପୁଣି
ଫଗୁଣ ଚଇତ ମାସ।
ବଉଳରୁ ଆମ୍ବ ଦିନେ ବଡ଼ହେବ
ଝୁଲିବ ଗଛର ଡାଳେ
ପିଲା ଚାହିଁଥିବେ ଆମ୍ବ ଖାଇବାକୁ
ପାଚିଲେ ପଡିବ ତଳେ।

**– ପ୍ରଶାନ୍ତ କୁମାର ଦାଶ**
ମୋ: ୯୬୬୮୮୨୨୧୯୦

## ମିଳିମିଶି ପଢ଼ିବା ପାଠ

ନିତିଦିନ ଆମେ ସକାଳୁ ଉଠିବା
ସଭିଙ୍କୁ ପ୍ରଣାମ କରିବା,
ନିତ୍ୟକର୍ମ ସାରି ଜଳଖିଆ ଖାଇ
ପାଠପଢ଼ାରେ ମନ ଦେବା।
ଦଶଟା ଆଗରୁ ଆମେ ସବୁ
ବହି ବସ୍ତାନି ସଜାଇ,
ସାଙ୍ଗସାଥୀ ସହ ମିଳିମିଶି
ଆମେ ସ୍କୁଲକୁ ଯିବା।
ସାଙ୍ଗ ସାଥି ସହ କଳି ନ କରି
ସଭିଙ୍କୁ ଆଦର ସମ୍ମାନ କରିବା,
ଶିକ୍ଷକଙ୍କ କଥା ମାନି ଆମେ
ମନ ଦେଇ ପାଠ ପଢ଼ିବା।
ମିଛ ନ କହି ସତ କହି ଦେଇ
ସବୁରି ହୃଦୟ ଜିଣିବା ,
କଟୁବଚନ କହିଲେ ଆମେ
କ୍ଷମା ମାଗି ଭୁଲ ସୁଧାରିବା।

**– ଦୀପାଳି ବେହେରା**
ମୟୂରଭଞ୍ଜ

# ଏଥରର ?

- ପ୍ରଥମେ କେଉଁ ମସିହାରେ ଆଇଫୋନ୍ ଆସିଥିଲା ?
- ଅମ୍ଳଜାନର ରାସାୟନିକ ପ୍ରତୀକ କ'ଣ ?
- ଏରୋପ୍ଲେନ୍‌ର ଉଦ୍ଭାବକ ?
- କେଉଁ ସହରକୁ 'ବିଗ୍ ଆପଲ୍' କୁହାଯାଏ ?
- ଚାଇନାର ରାଜଧାନୀର ନାମ ?

## ଗତଥରର ଉତ୍ତର

- ଆଲେକଜାଣ୍ଡାର ଫ୍ଲେମିଂ
- ଏଚ୍‌ଟୁଓ ($H_2O$)
- ଆଲବର୍ଟ ଆଇନଷ୍ଟାଇନ୍
- ୧୯୪୫
- ଜେନ୍ ଅଷ୍ଟେନ୍

# କହିଲ ଦେଖି

କଞ୍ଚା ବେଳେ ତରକାରି ମୁଁ ହୁଏ
ପାଚିଲେ ଭକତ ମନ୍ଦିର ନିଏ
ପ୍ରତ୍ୟେକ ପୂଜାକୁ ମୁଁ ଆଗ ଯାଏ
ହଳଦିଆ ଚୋପା ଭିତରେ ଥାଏ
ଛଡ଼େଇଲେ ମତେ ସହଜେ ପାଏ
କହିକି ପାରିବ ମୋ ନାମ କିଏ ?



**ଉ: କଦଳୀ**

ତିନୋଟି କଣ୍ଟାରେ ଖେଳ ମୁଁ କରେ
ଏକ ଠାରୁ ବାର ଯାଏ ମୁଁ ଘୁରେ
ଥାଏ କେବେ ମୁହିଁ କାହା ହାତରେ
ପୁଣି କେବେ ଟଙ୍ଗା ହୁଏ କାନ୍ଥରେ
ଟିକ୍ ଟିକ୍ ମୋର ଶବଦ କରେ
କହି ଦିଅ ତେବେ ମୋ ନାମଟି ରେ ?



**ଉ: ଘଡ଼ି**

ବସନ୍ତ ଋତୁରେ ମୋ କୁହୁ ଭାସେ
ମୋ ତାନରେ ସାରା ଜଙ୍ଗଲ ହସେ
ମୋ ରୂପଟି କଳା ଉଡ଼େ ଆକାଶେ
ଆମ୍ବ ବଉଳିଲେ ମୁଁ ଡାଳେ ବସେ
ଋତୁରାଜା ସହ ମୁଁ ପରା ଆସେ
କହିପାରିବ ମୋ ନାଆଁ କିଏ ସେ ?



**ଉ: କୋଇଲି**

ମୋ ଦେହରେ ଥାଏ ଦୁଇଟି ଚକ
ବିନା ତେଲରେ ମୁଁ ଚାଲେ ଅନେକ
ପେଡାଲ ମାରିଣ ଚଳାନ୍ତି ଲୋକ
ଘଣ୍ଟି ଟିଙ୍ଗ୍ ଟିଙ୍ଗ୍ କରେ ଚାଳକ
ସାଇତିଲେ ରୁହେ ଜୀବନ ଯାକ
କୁହ ମୋର ନାମ କିସ ବାଳକ ?



**ଉ: ସାଇକେଲ**

**– ଅମରନାଥ ବାରିକ୍**
କୟାଁ, ମଙ୍ଗଳପୁର, ଯାଜପୁର
ମୋ: ୯୫୪୦୩୦୮୦୯୫

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ଜ୍ୱାଳାମୁଖୀ ପାଖରେ ଅଧିକ ସମୟ




ଜ୍ୱାଳାମୁଖୀ ପାଖରେ ରହିବା ବିପଦ ବୋଲି ସମସ୍ତେ ଜାଣନ୍ତି। ସେଥିପାଇଁ ସମସ୍ତେ ନିଜକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରନ୍ତି। ହେଲେ ଜ୍ୱାଳାମୁଖୀ ପାଖକୁ ଯାଇ ସାହସିକତାର ପରିଚୟ ଦେଇଛନ୍ତି ଫ୍ରାନ୍ସିସ୍‌କୋ ରେନ୍‌କୋରେଟ୍ ଓ ତାଙ୍କର ଦୁଇ ପୁଅ ମାକ୍ସ ଓ ଥୋମାସ୍। ଆମେରିକାର ଚିଲିରେ ରହୁଥିବା ଏହି ତିନିଜଣ ସେଠାକାର ଓଜୋସ୍ ଡେଲ୍ ସାଲାଡୋ ଜ୍ୱାଳାମୁଖୀ ପାଖରେ ପହଞ୍ଚିବା ପାଇଁ ମୋଟର ସାଇକେଲରେ ୩୭ କିଲୋମିଟର ଉପରକୁ ଯାଇଥିଲେ।

ପ୍ରଥମେ ସେମାନେ ଲାଗୁନା ସାଣ୍ଟା ରୋଜା ରିଫ୍ୟୁଜେଠାରୁ ପାହାଡ ଉପରକୁ ଅତ୍ୟନ୍ତ କଷ୍ଟକର ଯାତ୍ରା ଆରମ୍ଭ କରିଥିଲେ। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ସେମାନେ ଜ୍ୱାଳାମୁଖୀ ନିକଟରେ ପହଞ୍ଚିବା ଲକ୍ଷ୍ୟରୁ ଓହରି ନ ଥିଲେ। ତେଣୁ ମୋଟ ୭ଦିନ ପର୍ଯ୍ୟନ୍ତ ବାଟରେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ସେଥିରେ ରହି ଶେଷରେ ଯାତ୍ରା ପୂରା କରିଥିଲେ। ଏହାପରେ ସବୁଠୁ ଉପରକୁ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ବେଶ୍ ଖୁସି ହୋଇଥିଲେ। ସେଠାରେ ରହିବା ବିପଦପୂର୍ଣ୍ଣ ଥିବାରୁ ସେମାନେ ପୂରା ପ୍ରସ୍ତୁତି ସହିତ ଯାଇଥିଲେ। କିଛି ସମୟ ସେଠାରେ ରହି ଚିଲିର ପତାକା ଉଡାଇଥିଲେ। ଏହାପରେ ଜ୍ୱାଳାମୁଖୀ ସହିତ ଫଟୋ ମଧ୍ୟ ଉଠାଇଥିଲେ। ଗତ ବର୍ଷ ନଭେମ୍ବର ମାସରେ ସେମାନେ ଏହି ଦୁଃସାହସିକ ଯାତ୍ରା ପୂରା କରି ସବୁଠୁ ଅଧିକ ସମୟ ଜ୍ୱାଳାମୁଖୀ ପାଖରେ କଟେଇଥିବାରୁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି।



# କଦଳୀର ରାଜଧାନୀ

ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି, ଯାହାକୁ କଦଳୀର ରାଜଧାନୀ କୁହାଯାଏ। ସେଇ ସ୍ଥାନଟି ହେଉଛି ମହାରାଷ୍ଟ୍ରର ଜଲଗାଓଁ। ଏଠାରେ ପ୍ରଚୁର କଦଳୀ ଚାଷ କରାଯାଏ। ଉକ୍ତ ସ୍ଥାନରେ ଚାଷୀମାନେ ଡ୍ରିପ୍ ଇରିଗେଶନ ପ୍ରଣାଳୀରେ କମ୍ ପାଣିରେ ଅଧିକ କଦଳୀ ଉତ୍ପାଦନ କରିଥାଆନ୍ତି। ପ୍ରତି ବର୍ଷ ହେକ୍ଟର ପ୍ରତି ୭୦ ଟନ୍ କଦଳୀ ଉତ୍ପାଦନ ହୋଇଥାଏ। ତେଣୁ ଏହାକୁ କଦଳୀର ରାଜଧାନୀ (କ୍ୟାପିଟାଲ ଅଫ୍ ବାନାନା) କୁହାଯାଏ। ଏଠାକାର ଜଳବାୟୁ ଏବଂ ଜମି କଦଳୀ ଚାଷ ଲାଗି ବେଶ୍ ଅନୁକୂଳ ହୋଇଥାଏ। ଏଠାରେ ଚାଷୀ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି କଦଳୀ ଚାଷ କରିଥାଆନ୍ତି। ଉକ୍ତ ଜିଲାର ଅଧିକାଂଶ ଲୋକଙ୍କର ଆୟର ମୁଖ୍ୟ ଉତ୍ସ ହେଉଛି କଦଳୀ ଚାଷ। ଏଠାରୁ ଦେଶର ଅନେକ ସ୍ଥାନକୁ କଦଳୀ ପଠା ଯାଇଥାଏ। ଏଠାକାର କଦଳୀର ଗୁଣବତ୍ତାକୁ ପରୀକ୍ଷା କରାଯାଇ ତାହାକୁ 'ଜିଆଇ' ଟ୍ୟାଗ୍ ଦିଆଯାଇଛି।

## ଜାତୀୟ ପତାକାର
# ରଙ୍ଗ ରହସ୍ୟ

ବିଭିନ୍ନ ଦେଶର ଜାତୀୟ ପତାକା ବା ନ୍ୟାଶନାଲ ଫ୍ଲାଗ୍‌ର ରଙ୍ଗ ଭିନ୍ନ ଭିନ୍ନ। ହେଲେ ଯଦି ଏକ ଆକଳନ କରାଯାଏ, ତେବେ ଅଧିକାଂଶ ଦେଶର ଜାତୀୟ ପତାକାରେ ନାଲି, ଧଳା ଏବଂ ନୀଳ ରଙ୍ଗ ଦେଖିବାକୁ ମିଳିଥାଏ। ଅନେକ ବର୍ଷ ପୂର୍ବେ ଯୁଦ୍ଧ ସମୟରେ ହେଉ ଅବା ପାଣି ଜାହାଜରେ ପତାକା ଲଗାଯାଉଥିଲା। ଆଉ ଏଥିପାଇଁ ମଧ୍ୟ ଉକ୍ତ ତିନୋଟି ରଙ୍ଗକୁ ବ୍ୟବହାର କରାଯାଉଥିଲା। ଏହା ପଛରେ ମଧ୍ୟ କାରଣ ରହିଛି। ଏହି ତିନୋଟି ରଙ୍ଗ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ମଧ୍ୟ ଶୀଘ୍ର ଫିକା ପଡ଼ି ନ ଥାଏ। ତା'ସହ ପାଗ ଖରାପ ରହିଲେ ମଧ୍ୟ ସହଜରେ ଦୃଶ୍ୟମାନ ହୋଇଥାଏ। ୧୬୦୦ ଶତାବ୍ଦୀରୁ ନେଦରଲାଣ୍ଡ ପ୍ରଥମେ ଏହି ତିନୋଟି ରଙ୍ଗକୁ ବ୍ୟବହାର କରି ନିଜ ଜାତୀୟ ପତାକା ତିଆରି କରିଥିଲା। ଫ୍ରାନ୍ସରେ ଯେତେବେଳେ କ୍ରାନ୍ତି ବିପ୍ଳବ ହୋଇଥିଲା, ସେତେବେଳେ ଲାଲ, ଧଳା ଏବଂ ନୀଳ ରଙ୍ଗକୁ ନେଇ ପତାକା ତିଆରି ହୋଇଥିଲା। କେତେକ ଦେଶର ନିଜ ନିଜର ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ତିନୋଟି ରଙ୍ଗକୁ ଗଣତନ୍ତ୍ରର ଶୁଭ ପ୍ରତୀକ ଭାବରେ ବିବେଚନା କରି ପତାକା ତିଆରି କରିଥିଲେ। ଉକ୍ତ ତିନୋଟି ରଙ୍ଗର ମାହାତ୍ମ୍ୟ ରହିଛି। ଲାଲରଙ୍ଗକୁ ସବୁବେଳେ ସାହସ, ତ୍ୟାଗ ଏବଂ ଶକ୍ତିର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ। ଅନ୍ୟପକ୍ଷରେ ଧଳାରଙ୍ଗକୁ ଶାନ୍ତି, ପବିତ୍ରତା, ସଚ୍ଚୋଟପଣିଆ ଏବଂ ନୀଳ ରଙ୍ଗକୁ ନ୍ୟାୟ, ସ୍ଥିରତା ଏବଂ ସତର୍କତାର ପ୍ରତୀକ ଭାବରେ ନିଆଯାଇଛି।






# ଉଇଣ୍ଡମିଲ୍

ପବନରୁ ଶକ୍ତି ଉତ୍ପନ୍ନ କରୁଥିବା ଯନ୍ତ୍ରକୁ ଉଇଣ୍ଡମିଲ୍ କୁହାଯାଏ। ଏହା ଏପରି ଏକ ଯନ୍ତ୍ର, ଯାହାକୁ ଚାଉଳ, ଗହମ ପେଶିବା, ବିଜୁଳି ଶକ୍ତି ଉତ୍ପାଦନ, ପାଣି ପମ୍ପରେ ପାଣି ଉଠାଇବା ଭଳି କାମ ପାଇଁ ବ୍ୟବହାର କରାଯାଇଥାଏ। ଉଇଣ୍ଡମିଲ୍‌ର ବ୍ୟବହାର କୌଣସି ଆଧୁନିକ ଯୁଗର କଥା ନୁହେଁ। ୧୬୦୦ ଶତାବ୍ଦୀରେ କେବଳ ନେଦରଲାଣ୍ଡରେ ୮୦୦୦ରୁ ଅଧିକ ଉଇଣ୍ଡମିଲ୍ ଥିଲା। ସେହି ସମୟରେ ପାଣି ପମ୍ପ୍ କରି ଗଛରେ ଦେବା ଲାଗି ଛୋଟ ଉଇଣ୍ଡମିଲ୍ ବ୍ୟବହାର କରାଯାଉଥିଲା। ପବନରେ ଚାଲୁଥିବା ଉଇଣ୍ଡମିଲ୍‌ର ଆକାର ଏକ ଚକା ଭଳି। ଯେତେବେଳେ ଏହା ପବନ ସଂସ୍ପର୍ଶରେ ଆସେ, ସେତେବେଳେ ଉଇଣ୍ଡହ୍ୱିଲ୍ ବୁଲିବାକୁ ଲାଗେ ଏବଂ ଏହା ବୁଲିବା ସମୟରେ ପ୍ରଥମେ ଧୀରେ ଧୀରେ ବୁଲିଥାଏ ଏବଂ ପରେ ଏହାର ଗତି ପବନର ଗତି ଅନୁସାରେ ବଢ଼ିଥାଏ। ୱିଣ୍ଡମିଲ୍ ବ୍ୟବହାର ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି ଚାଇନା। ଏହାର ଦ୍ୱିତୀୟ ସ୍ଥାନରେ ଆମେରିକା, ତୃତୀୟ ସ୍ଥାନରେ ଜର୍ମାନୀ ଏବଂ ଚତୁର୍ଥ ସ୍ଥାନରେ ଭାରତ ରହିଛି।

# ଆଇନା





ଅର୍ଣ୍ଣବ ବାରିକ
୫ ବର୍ଷ/ ପୁରୀ

ଦିବ୍ୟା ପ୍ରିୟଦର୍ଶିନୀ ସାହୁ
୬ ବର୍ଷ/ ଆଠଗଡ଼